# ବୁଥ ସ୍ତରୀୟ ଅଧିକାରୀ
# ଇ - ପତ୍ରିକା




Volume 10

**ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ଦ୍ୱାରା ଆଦୃତ ଏବଂ ପୁନଃ ପ୍ରକାଶିତ**

# ନିର୍ବାଚନର ପର୍ବ ଦେଶର ଗର୍ବ

**ସାଧାରଣ ନିର୍ବାଚନ - ୨୦୨୪**

ଆମ ଦେଶରେ ନିର୍ବାଚନ କେବଳ ଏକ ପର୍ବ ନୁହେଁ;ସେଗୁଡିକ ମଧ୍ୟ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ବିଷୟ । ଭାରତର ନିର୍ବାଚନ କମିଶନ ସଂସଦୀୟ ନିର୍ବାଚନର **2024**ର ବିଷୟବସ୍ତୁକୁ **"ନିର୍ବାଚନ ପର୍ବ ଦେଶର ଗର୍ବ "** (ନିର୍ବାଚନ: ସର୍ବ ବୃହତ ମହୋତ୍ସବ ଏବଂ ଦେଶର ଗର୍ବ) ବିଷୟ ବସ୍ତୁ ସହିତ ଗ୍ରହଣ କରିଛନ୍ତି । ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ **14** ତମ ଜାତୀୟ ଭୋଟର ଦିବସ - **2024**ରେ ଏହି ବିଷୟ ବସ୍ତୁ ଉନ୍ମୋଚିତ ହୋଇଥିଲା ।

ଏହା ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ଅଧିକାର ଏବଂ ଦାୟିତ୍ୱବୋଧକୁ ସକ୍ଷମ କରାଇବା ସହିତ ବିଶ୍ୱ ଗଣତନ୍ତ୍ରରେ ଭାରତୀୟ ଗଣତନ୍ତ୍ରର ସମ୍ମାନଜନକ ସ୍ଥାନ ପ୍ରଦର୍ଶନ କରୁଥିବା ବେଳେ ନିର୍ବାଚନର ସଶକ୍ତିକରଣ ପ୍ରକୃତି ଉପରେ ଗୁରୁତ୍ୱ ଦେଇଥାଏ ।

ଏହି ଅଭିଯାନରେ ଟେଲିଭିଜନ, ରେଡିଓ, ସୋସିଆଲ ମିଡିଆ ଏବଂଗୋଷ୍ଠି ସ୍ତରକୁ ପହଞ୍ଚୁଥିବା ପ୍ରଚାର ପ୍ରସାର ମାଧ୍ୟମ ଭଳି ବିଭିନ୍ନ ମିଡିଆ ଚ୍ୟାନେଲ ବ୍ୟବହାର କରି ଭୋଟର ସଚେତନତା ବୃଦ୍ଧିପାଇଁ ସବୁ ଦିଗରୁ ପଦକ୍ଷେପ ଗ୍ରହଣ କରାଯାଇଛି ।

**#NothinglikeVoting**
**#IVoteforSure**
**#MeravoteDeshkeliye**


## ସମ୍ପାଦକ କମିଟି

ଏନ୍. ଏନ୍. ବୁଟୋଲିଆ
ବରିଷ୍ଠ ପ୍ରମୁଖ ଶାସନ ସଚିବ
(ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ)

ଅଶୋକ କୁମାର
ନିର୍ଦ୍ଦେଶକ ( ସୂଚନା ପ୍ରଯୁକ୍ତିବିଦ୍ୟା)

କୁଲଦୀପ କୁମାର ସହରାୱତ୍
ନିର୍ଦ୍ଦେଶକ (ଟ୍ରେନିଂ)
ଆଇଆଇଆଇଡିଇଏମ୍

ଏସ. ସୁନ୍ଦର ରାଜନ୍
ନିର୍ଦ୍ଦେଶକ (ଇଭିଏମ୍)

ଦୀପାଲି ମାସିର୍ କାର
ନିର୍ଦ୍ଦେଶକ
( ଇଲେକ୍ସନ ପ୍ଲାନିଂ)

ସନ୍ତୋଷ ଅଜମେରା
ନିର୍ଦ୍ଦେଶକ (ଏସଭିଇଇପି)
ଆବାହକ ସଦସ୍ୟ

## ସମ୍ପାଦନା ମଣ୍ଡଳୀ

ଆର୍ କେ ସିଂହ
ସଂଯୋଜକ ଏସଭିଇଇପି

ଅନୁଜ ଚଣ୍ଡକ
ଯୁଗ୍ମ ନିର୍ଦ୍ଦେଶକ ମିଡିଆ
(ଏସଭିଇଇପି)

ରଜନୀ ଉପାଧ୍ୟାୟ
ଯୋଗାଯୋଗ ପରାମର୍ଶଦାତା

ଇଶା ଖାନ୍
ଗ୍ରାଫିକ୍ସ ଡିଜାଇନର

# ଭେଟନ୍ତୁ "ମିତା ଦିଦିଙ୍କୁ," ଓଡ଼ିଶାର BLO ମାସ୍କଟ




ନମସ୍କାର, ମୁଁ ମିତା, ଲୋକପ୍ରିୟ ମିତା ଦିଦି । ମୁଁ ଓଡିଶାର ବୁଥ୍ ସ୍ତରୀୟ ଅଧିକାରୀଙ୍କ ପ୍ରତିନିଧି । ନିର୍ବାଚନ ସାକ୍ଷରତାକୁ ପ୍ରୋତ୍ସାହିତ କରିବା ଏବଂ ନାଗରିକମାନଙ୍କୁ ସେମାନଙ୍କର ଭୋଟ୍ ଦେବାର ମୌଳିକ ଅଧିକାର ସାବ୍ୟସ୍ତ କରିବାକୁ ଉତ୍ସାହିତ କରିବା ପାଇଁ ମୁଁ ଜଣେ ରାଜଦୂତ । ବିଭିନ୍ନ ଗୋଷ୍ଠୀ ପ୍ରସାରଣ କାର୍ଯ୍ୟକ୍ରମ, ପାରସ୍ପରିକ ଆଲୋଚନା / ଅଧିବେଶନ ଏବଂ ଶିକ୍ଷଣ ସାମଗ୍ରୀ ମାଧ୍ୟମରେ, ମୁଁ ସଫଳତାର ସହ ଭୋଟ୍ ଦେବାର ଗୁରୁତ୍ୱ ଏବଂ ନିର୍ବାଚନ ପ୍ରକ୍ରିୟାକୁ ଜଣାଉଛି । ମୋ ପରି, ପ୍ରତ୍ୟେକ ବୁଥ୍ ସ୍ତରୀୟ ଅଧିକାରୀ ଗଣତନ୍ତ୍ରର ଏକ ଆଲୋକ ବର୍ତ୍ତିକା ଭାବରେ ଛିଡା ହୋଇଛନ୍ତି, ନିର୍ବାଚନ ପ୍ରକ୍ରିୟାରେ ଅନ୍ତର୍ଭୂକ୍ତତା, ଶିକ୍ଷା ଏବଂ ଯୋଗଦାନର ସିଦ୍ଧାନ୍ତକୁ ଦର୍ଶାଉଛି । ସେମାନେ ନିର୍ବାଚନରେ ଅଂଶଗ୍ରହଣ ଏବଂ ସଚେତନତାର ଏକ ପ୍ରଶଂସନୀୟ ସଂସ୍କୃତି ପ୍ରତିପାଦନ କରନ୍ତି, ଯାହା ସମଗ୍ର ଦେଶରେ ଗଣତନ୍ତ୍ରର ପରିବର୍ଦ୍ଧନ ପାଇଁ ଅଭିନବ ଉଦାହରଣ ସୃଷ୍ଟିକରେ ।

ସାଧାରଣ ନିର୍ବାଚନ 2024ପାଖେଇ ଆସୁଥିବାରୁ , ସମସ୍ତ ଭୋଟରଙ୍କ ପାଇଁ ସୁଗମ ଭୋଟ୍ ସୁନିଶ୍ଚିତ କରିବା ପାଇଁ ବୁଥ୍ ସ୍ତରୀୟ ଅଧିକାରୀ ମାନେ ତତ୍ପର ହେବା ସହ ସେମାନଙ୍କ ଉଦ୍ୟମକୁ ସଂପ୍ରସାରିତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ ବୁଥ୍ ସ୍ତରୀୟ ଅଧିକାରୀ କିପରି ନିଜ ଅଞ୍ଚଳର ଭୋଟରଙ୍କ ମଧ୍ୟରେ "ସୁଗମଭୋଟ୍"ର ସଂକଳ୍ପକୁ ପ୍ରଭାବିତ କରିପାରିବ ସେ ବିଷୟରେ ଆଲୋଚନା କରିବାକୁ ମୁଁ ଏଠାରେ ଅଛି । ତେଣୁ, ଆସନ୍ତୁ ଭୋଟର ତାଲିକାରେ କିପରି ଭୋଟରମାନେ ସେମାନଙ୍କର ନାମ ଯାଞ୍ଚ କରିପାରିବେ ସେଠାରୁ ଆରମ୍ଭ କରିବା :

- ସେମାନେ ସେମାନଙ୍କର ବୁଥ୍ ସ୍ତରୀୟ ଅଧିକାରୀଙ୍କ ନିକଟକୁ ଯାଇ ଭୋଟର ତାଲିକାରେ ସେମାନଙ୍କର ନାମ ଯାଞ୍ଚ କରିପାରିବେ ।
- ଭୋଟର ହେଲ୍ପଲାଇନ ଆପ୍ ଡାଉନଲୋଡ୍ କରି କିମ୍ବା ଭୋଟର ସେବା ପୋର୍ଟାଲ୍ (https://tmp.eci.gov.in/voters-services-portal) ମାଧ୍ୟମରେ ସେମାନେ ସେମାନଙ୍କର ନାମ ଅନଲାଇନରେ ଯାଞ୍ଚ କରିପାରିବେ ।
- ସେମାନେ 1950କୁ ଏକ SMS ପଠାଇ ପାରିବେ (ECI <space><EPIC No>) । **ଏୟାରଟେଲ, ଜିଓ ଏବଂ ଭୋଡାଫୋନ୍** ନେଟୱାର୍କରେ ଏହି ସେବା ଉପଲବ୍ଧ ଅଟେ ।
- ବୁଥ୍ ସ୍ତରୀୟ ଅଧିକାରୀ ନିଶ୍ଚିତ ଭାବରେ ଗ୍ରାମ / ନଗର ପଞ୍ଚାୟତ ଏବଂ ନିଜ ନିଜ ନିର୍ବାଚନ ପାଠଶାଳା(chunav pathsala)ରେ ଭୋଟର ତାଲିକା ପାଠ କରିବା ଆବଶ୍ୟକ ।
- ମତଦାନ ଦିନ ମତଦାତାଙ୍କୁ ସାହାଯ୍ୟ କରିବା ପାଇଁ ବୁଥ୍ ହେଲ୍ପ ଡେସ୍କରେ ବୁଥ୍ ସ୍ତରୀୟ ଅଧିକାରୀ ଉପଲବ୍ଧ ହେବା ଜରୁରୀ ।
- ବୁଥ୍ ସ୍ତରୀୟ ଅଧିକାରୀ ମାନେ ସେମାନଙ୍କର ମତଦାନ କେନ୍ଦ୍ର ଅଞ୍ଚଳର ପ୍ରତ୍ୟେକ ପରିବାରକୁ ମତଦାନ ଦିନର ତିନି ଦିନ ପୂର୍ବରୁ ଭୋଟର ଗାଇଡ୍ ଏବଂ ଭୋଟର ସ୍ଲିପ୍ ବଣ୍ଟନ କରିବା ଆବଶ୍ୟକ ।



ମିତା ଦିଦି: ବର୍ତ୍ତମାନ, ଆମ ଲକ୍ଷ୍ୟରେ ଥିବା ଦର୍ଶକ ଯଥା ଯୁବକ, ବରିଷ୍ଠ ନାଗରିକ, ମହିଳା, ନବ ବିବାହିତା, ତୃତୀୟ ଲିଙ୍ଗ ବ୍ୟକ୍ତିବିଶେଷ, ଭିନ୍ନକ୍ଷମ ବ୍ୟକ୍ତି (PwDs), ବିଶେଷ ଭାବରେ ଦୁର୍ବଳ ଆଦିବାସୀ ଗୋଷ୍ଠୀ (PVTGs), ଯାଯାବର, ଯୌନକର୍ମୀ ଏବଂ ଅନ୍ୟମାନଙ୍କ ନିକଟରେ ଆମର ବାର୍ତ୍ତାକୁ ପହଞ୍ଚାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଏହା ଜାଣିବା ଅତ୍ୟନ୍ତ ରୋମାଞ୍ଚକର ଯେ ଆମର ଭୋଟର ତାଲିକାରେ ପ୍ରାୟ ୧.୮୫ କୋଟି ଯୁବ ଭୋଟର (୧୮-୧୯ ବୟସ) ଅଛନ୍ତି। ବର୍ତ୍ତମାନ ଆମର ସାଥୀ BLO ମାନଙ୍କର ପ୍ରୟାସ ବର୍ତ୍ତମାନ ପ୍ରତୀୟମାନ ହେଉଛି । ଆମର ପରବର୍ତ୍ତୀ କାର୍ଯ୍ୟ ହେଉଛି ପ୍ରତ୍ୟେକ ଯୋଗ୍ୟ ଯୁବ ଭୋଟରଙ୍କୁ ମତଦାନ କେନ୍ଦ୍ରକୁ ଆସି ଭୋଟ୍ ଦେବାକୁ ଉତ୍ସାହିତ କରିବା | ଯୁବ ଭୋଟର୍ ମାନଙ୍କ ଭୋଟଦାନ ପାଇଁ ପହଞ୍ଚିବା ଉଦାସୀନତାକୁ ଦୂର କରିବା ପାଇଁ ସୃଜନାତ୍ମକ ପ୍ରଚାର ପତ୍ର, ଟିଭି ବିଜ୍ଞାପନ, ଏବଂ ଭୋଟର ଶିକ୍ଷା ଉପରେ ଅନ୍ୟାନ୍ୟ ପଦକ୍ଷେପ ପ୍ରତ୍ୟେକ ଯୁବ ଭୋଟରଙ୍କ ନିକଟରେ ପହଞ୍ଚିବା ଉଚିତ୍ ।

## ଭାରତ ନିର୍ବାଚନ ଆୟୋଗଙ୍କର ଏହି ଅଭିଯାନ ବିଷୟରେ ଆପଣ ଜାଣନ୍ତି କି?

# # ମୋର ପ୍ରଥମ ଭୋଟ୍ ଦେଶ ପାଇଁ

## #mera pehla vote desh ke liye



ନିର୍ବାଚନରେ ଯୁବ ଭୋଟର ମାନଙ୍କ ଉଦାସୀନତା ପରି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ଭାରତର ନିର୍ବାଚନ ଆୟୋଗ #ମେରା-ପେହେଲା-ଭୋଟ୍-ଦେଶ-କେ-ଲିୟେ ଆରମ୍ଭ କରିଛନ୍ତି, କାରଣ ଏହା ୧୮-୧୯ ବର୍ଷ ବୟସ ବର୍ଗରେ ଥିବା ଭୋଟରଙ୍କ ମତଦାନର ସଂଖ୍ୟା କମିଯିବାର ଏକ ପ୍ରମୁଖ୍ୟ କାରଣ ବୋଲି ଜଣାପଡିଛି। ଏହି ଅନନ୍ୟ ଅଭିଯାନ ବିଶେଷ କରି ପ୍ରଥମ ଥର ପାଇଁ ଭୋଟ ଦେଉଥିବା ଭୋଟରଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ଏହା ନିର୍ବାଚନର ମହତ୍ତ୍ୱ ଏବଂ ବିଶ୍ୱର ବୃହତ ଗଣତନ୍ତ୍ରରେ ଭୋଟ୍ ଦେବାର ଗର୍ବର ପ୍ରତୀକ ।

## ଆପଣ ଜାଣିଥିଲେ କି?

ଯୁବକମାନେ ମତଦାନ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ ନ କରିବା ବା ଆଗ୍ରହ ପ୍ରକାଶନ କରିବାକୁ ଯୁବ ଉଦାସୀନତା ବୁଝାଏ । ଭୋଟ୍ ପ୍ରକ୍ରିୟାରେ ଅନାଗ୍ରହ/ ବିଶ୍ୱାସର ଅଭାବ ଏବଂ ଯୁବ ଭୋଟରଙ୍କ ମଧ୍ୟରେ ଥିବା ଧାରଣା ଯେ "ଆମର ଗୋଟିଏ ଭୋଟ ଦ୍ୱାରା କ'ଣ ହେବ" ଇତ୍ୟାଦି ଦ୍ୱାରା ଏହି ଉଦାସୀନତା ସୃଷ୍ଟି ହୋଇଥାଏ ।

ଅଧିକନ୍ତୁ, ଏହା ମଧ୍ୟ ଦେଖାଯାଏ ଯେ' ମତଦାନ ଦିନ ଯୁବକ ମାନେ ମତଦାନକୁ ପ୍ରାଧାନ୍ୟ ନଦେଇ ଏହାକୁ ଏକ ଛୁଟିଦିନ ଭାବ ଗ୍ରହଣ କରୁଛନ୍ତି । ଯଦି ଶୁକ୍ରବାର ଦିନ ମତଦାନ ହୁଏ, ତେବେ ଏହା ଅନେକଙ୍କ ପାଇଁ ଏକ "ଦୀର୍ଘ ଛୁଟି ସହ ସପ୍ତାହନ୍ତ" ହୋଇଯାଏ । ଯୁବକମାନଙ୍କୁ ଉତ୍ସାହିତ କରିବା ଏବଂ ଏହା ଛୁଟିଦିନ ନୁହେଁ ଏହା "ମତଦାନ ଦିବସ" ବୋଲି ଜୋର ଦେବା ସହିତ ସେମାନଙ୍କଠାରେ ମତଦାନ କରି ଦେଶପ୍ରତି କର୍ତ୍ତବ୍ୟ ପାଳନରେ ଜାଗ୍ରତ କରାଇବା ଆବଶ୍ୟକ ।



ମୁଁ ଆପଣଙ୍କୁ ୧୦୭- କମଲା କାନୱାଣ୍ଡ ସ୍କୁଲ ଆଲାମ ନଗର ମୋହନ ରୋଡ, ଉତ୍ତରପ୍ରଦେଶର ୧୭୧- ପଶ୍ଚିମ ଲକ୍ଷ୍ନୌର ସ୍ଥିତ ବିଏଲଓ ଶ୍ରୀ ରାମ ବକ୍ଷଙ୍କର ଏକ ପ୍ରେରଣାଦାୟକ କାହାଣୀ 'ୟୁଥ ଟୁ ବୁଥ୍' ବିଷୟରେ କହେ । ଲକ୍ଷ୍ନୌ ଜିଲ୍ଲାର ଇଲେକ୍ଟୋରାଲ୍ ରୋଲ୍ ୨୦୨୪ର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ସମୟରେ, ତାଙ୍କର ପ୍ରଚେଷ୍ଟା ଯୋଗୁଁ ୧୮-୧୯ ବର୍ଷ ବୟସର ସର୍ବାଧିକ ୩୪ ଭୋଟରଙ୍କ ନାମକୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିଲେ। ତାଙ୍କର ଉତ୍ସର୍ଗୀକୃତତାର ସ୍ୱୀକୃତି ସ୍ୱରୂପ, ୧୪ ତମ ଜାତୀୟ ଭୋଟର ଦିବସ -୨୦୨୪ ଅବସରରେ, ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ୨୫ ଜାନୁୟାରୀ ୨୦୨୪ରେ ଜାତୀୟ ଭୋଟର ଦିବସରେ ଆୟୋଜିତ ଏକ ରାଜ୍ୟ ସ୍ତରୀୟ ସମାରୋହରେ ତାଙ୍କୁ ସମ୍ମାନିତ କରାଯାଇଥିଲା ।

# 85 ବର୍ଷରୁ ଅଧିକ ବୟସ୍କ ନାଗରିକ ଏବଂ ଭିନ୍ନକ୍ଷମ ମାନଙ୍କ

## ପାଇଁ ଉଦ୍ଦିଷ୍ଟ ପ୍ରଚେଷ୍ଟା

ଦିବ୍ୟାଙ୍ଗଙ୍କ ସୁବିଧା ପାଇଁ, ଭାରତ ନିର୍ବାଚନ ଆୟୋଗ ଏକ ମୋବାଇଲ୍ ଆପ୍ଲିକେସନ୍, ସକ୍ଷମ ଆପ୍ ପ୍ରସ୍ତୁତ କରିଛନ୍ତି । ଜଣେ ଦିବ୍ୟାଙ୍ଗ କିମ୍ବା ଗତିଶୀଳତା ହୀନ / ଶାରୀରିକ କାର୍ଯ୍ୟ କ୍ଷମତା କମିଯାଇଥିବା ଜଣେ ଯୋଗ୍ୟ ବ୍ୟକ୍ତି ନିଜକୁ ଅକ୍ଷମ ବ୍ୟକ୍ତି ଭାବରେ ଘୋଷଣା କରି ନିର୍ବାଚନ ତାଲିକାରେ ନାମ ଯୋଡି ପାରିବେ । ଏହି ଆପ୍ଲିକେସନ୍ ସମସ୍ତ ଭିନ୍ନକ୍ଷମ ମତଦାତାଙ୍କ ପାଇଁ ସେମାନଙ୍କ ପାଖରେ ବିଭିନ୍ନ ସୁବିଧା ଯୋଗାଇଥାଏ ।



**ସେଗୁଡିକ ମଧ୍ୟରୁ କେତେକ ନିମ୍ନରେ ପ୍ରଦାନ କରାଗଲା:**

- ନୂତନ ଭୋଟର ଆଇଡି ପଞ୍ଜିକରଣ ପାଇଁ ଅନୁରୋଧ ।
- ବାସସ୍ଥାନ ସ୍ଥାନାନ୍ତର ପାଇଁ ଅନୁରୋଧ ।
- ଠିକଣା ଅପଡେଟ ପାଇଁ ଅନୁରୋଧ ।
- ମତଦାନ ଦିନ ହ୍ୱିଲ ଚେୟାର ପାଇଁ ଅନୁରୋଧ ।
- ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କ ତାଲିକା ।



ଅଧିକନ୍ତୁ, 85 ବର୍ଷରୁ ଅଧିକ ବରିଷ୍ଠ ନାଗରିକ ଏବଂ 40 ପ୍ରତିଶତ ବେଞ୍ଚମାର୍କ ଭିନ୍ନକ୍ଷମତା ଥିବା ବ୍ୟକ୍ତି ବିଶେଷ ପାଇଁ ମତଦାନ ନିମନ୍ତେ ଏକ ସ୍ୱତନ୍ତ୍ର ଧାଡ଼ିର ବ୍ୟବସ୍ଥା କରାଯାଇଛି । ତେଣୁ ସେମାନଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ସେମାନେ ଯଦି ଭୋଟ କେନ୍ଦ୍ରକୁ ଯିବା ପାଇଁ ଅସମର୍ଥ ଥାଆନ୍ତି ତାହା ହେଲେ ସେମାନେ BLOଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା 12D ଫର୍ମ ପୁରଣ କରି ଘରୁ ଥାଇ ମଧ ପୋଷ୍ଟାଲ ବାଲଟ ମାଧ୍ୟମରେ ଭୋଟ କରି ପାରିବେ । ଏହା ଏକ ଇଚ୍ଛାଧିନ ବିକଳ୍ପ ଅଟେ ।

# ମତଦାନ କେନ୍ଦ୍ରରେ
# ସୁନିଶ୍ଚିତ କରାଯାଇଥିବା ସର୍ବନିମ୍ନ ସୁବିଧା ।




ସହାୟତା କେନ୍ଦ୍ର | ହ୍ୱିଲ୍ ଚେୟାର ପାଇଁ ର୍ୟାମ୍ପ | ସର୍ବ ବ୍ୟବହାର ଉପଯୋଗୀ ଶୌଚାଳୟ | ସଙ୍କେତ | ଭୋଟର ହେଲ୍ପଲାଇନ



ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ | ପୃଥକ ଧାଡି | ପରିବହନ ସୁବିଧା | ସଙ୍କେତିକ ଭାଷା | ବ୍ରେଲି ସୁବିଧା ଯୁକ୍ତ ଇଭିଏମ୍





ବିଧାନସଭା ନିର୍ବାଚନରେ ବରିଷ୍ଠ ନାଗରିକ ତଥା ଭିନ୍ନକ୍ଷମ (PWD) ମତଦାନକୁ ସୁଗମ କରିବାର ଏକ ପ୍ରେରଣାଦାୟକ କାହାଣୀ ତେଲେଙ୍ଗାନାର ମହାବୁବାବାଦ ଜିଲ୍ଲାର ଅବାଇପାଲେମ୍ ଗ୍ରାମରେ ଥିବା BLO ( PS ନମ୍ବର ୨୨୯ ) ସୁଶ୍ରୀ ଭି ସମ୍ପୂର୍ଣ୍ଣାଙ୍କ ଠାରୁ ଆସିଛି । ସେ ଗତ ପାଞ୍ଚ ବର୍ଷ ଧରି BLO ଭାବରେ କାର୍ଯ୍ୟ କରିଆସୁଛନ୍ତି ।

ବିଶେଷକରି ବରିଷ୍ଠ ନାଗରିକ ଏବଂ ଭିନ୍ନକ୍ଷମଙ୍କ ମଧ୍ୟରେ (PWD) ଭୋଟରଙ୍କ ସଂଖ୍ୟାରେ ଉନ୍ନତି ଆଣିବା ପାଇଁ ସେ ସକ୍ରିୟ ପଦକ୍ଷେପ ଗ୍ରହଣ କରିଥିଲେ ଏବଂ ଏହି ବର୍ଗରେ ପ୍ରାୟ ୫୦% ଭୋଟର ମତଦାନରେ ଅଂଶଗ୍ରହଣ କରିବା ନିଶ୍ଚିତ କରିଥିଲେ । ଏହି ପ୍ରୟାସ ବ୍ୟତୀତ, ତାଙ୍କ ଦ୍ୱାରା ଭୋଟର ସୂଚନା ସ୍ଲିପ୍ସ ବଣ୍ଟନ, ମତଦାନ ଦିବସରେ ଭୋଟ୍ ଦେବା ପାଇଁ ଆବଶ୍ୟକ ପରିଚୟ ପ୍ରମାଣ ପତ୍ର (ଡକ୍ୟୁମେଣ୍ଟ) ଗୁଡିକର ଲିଫଲେଟ୍ ବଣ୍ଟନ, ଏବଂ ସି-ଭିଜିଲ୍ ଏବଂ ତେଲୁଗୁରେ ଭୋଟର ସୂଚନା ଗାଇଡ୍ କାର୍ଯ୍ୟକ୍ରମ ଦ୍ୱାରା ଇତ୍ୟାଦି ମତଦାନ କେନ୍ଦ୍ରରେ ଭୋଟରଙ୍କ ମତଦାନ ହାର ବୃଦ୍ଧିରେ ସହାୟକ ହେଲା ।

ମିତା ଦିଦି: ମତଦାନ କେନ୍ଦ୍ରରେ ମହିଳାମାନଙ୍କ ସୁବିଧା ନିମନ୍ତେ ସ୍ୱେଚ୍ଛାସେବୀ ଏବଂ ମା ଓ  ପିଲାମାନଙ୍କର ଯତ୍ନ ନେବା ପାଇଁ ପୃଥକ କୋଠରୀ ମଧ୍ୟ ସୁନିଶ୍ଚିତ କରାଯାଇଛି । ମହିଳାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଧାଡ଼ି ସେମାନଙ୍କ ଭୋଟିଂ ଅଭିଜ୍ଞତାକୁ ଉଭୟ ସୁଖଦ ଓ ସୁଗମ କରେ ।





ଭୋଟ୍ ଦେବାକୁ ହ୍ୱାଟସ୍ ଆପ୍ ଏବଂ ଇନଷ୍ଟାଗ୍ରାମ ଓ  ଫେସବୁକ୍ ପରି ଅନ୍ୟ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ଆପଣଙ୍କର ବନ୍ଧୁ ଏବଂ ପରିବାର ଲୋକଙ୍କୁ ଜଣାଇବାକୁ ଭୁଲନ୍ତୁ ନାହିଁ ।



ସମାଜର ତଳ ସ୍ତରରୁ କିଛି ବାସ୍ତବରେ ପ୍ରେରଣାଦାୟକ କାହାଣୀ ଅଛି ଯାହାକି ମୋତେ ଅଧିକ ପରିଶ୍ରମ କରିବାକୁ ଉତ୍ସାହିତ କରେ । କୌଣସି ଭୋଟର ବାଦ୍ ନପଡନ୍ତୁ ଏହା ନିଶ୍ଚିତ କରିବା ପାଇଁ ମୋତେ ଏହି କାହାଣୀଗୁଡ଼ିକ ମଧ୍ୟରୁ କିଛି ଆପଣଙ୍କ ନିକଟରେ ଉପସ୍ଥାପନ କରିବାକୁ ଦିଅନ୍ତୁ; ମୁଁ ନିଶ୍ଚିତ ଯେ ସେଗୁଡିକ ମଧ୍ୟ ଆପଣଙ୍କୁ ପ୍ରେରଣା ଦେବେ ।



44-ସେବାଲିଆ -1, 29-ଖେଡବ୍ରହ୍ମା ବିଧାନସଭା ନିର୍ବାଚନମଣ୍ଡଳୀରୁ ସ୍ନେହି ଚିରାଗ ବିନୁଭାଇଙ୍କୁ ଗୁଜୁରାଟରୁ ଶ୍ରେଷ୍ଠ BLO (ରାଜ୍ୟ ସ୍ତରରେ) ପ୍ରଦାନ କରାଯାଇଥିଲା ।



ସୀମାନ୍ତରେ ଅବସ୍ଥିତ ଏବଂ ଆଦିବାସୀ ସମ୍ପ୍ରଦାୟ ବହୁଳ ସେବାଲିୟା ଗ୍ରାମ ଗୁଜୁରାଟର ସାବରକାନ୍ତ ଜିଲ୍ଲାର ପୋସିନା ତାଲୁକା ମଧ୍ୟରେ ଅବସ୍ଥିତ | ଏହି ବିବିଧ ତଥା ଦୁର୍ଗମ ଅଞ୍ଚଳରେ, ଚିରାଗଭାଇ ସ୍ନେହି ଏକ BLO ଭାବରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି | ଭୌଗୋଳିକ ପ୍ରତିବନ୍ଧକ ଏବଂ ସାଂସ୍କୃତିକ ପାର୍ଥକ୍ୟକୁ ଦୂର କରି ସେ ସମାଜ ସହିତ ସକ୍ରିୟ ଭାବରେ ଜଡିତ ରହି  ପ୍ରତ୍ୟେକ ଯୋଗ୍ୟ ନାଗରିକ ଭୋଟ୍ ଦେବା ପାଇଁ ପଞ୍ଜୀକୃତ କରାଇବା ଏବଂ ସେମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ ସାବ୍ୟସ୍ତ  କରିବାର ଗୁରୁତ୍ୱକୁ ବୁଝିବା ନିଶ୍ଚିତ କରାଇଛନ୍ତି । ଚିରାଗଭାଇ ସ୍ନେହି ଭୋଟର ଶିକ୍ଷା ଅଭିଯାନ, ପଞ୍ଜୀକରଣ ଡ୍ରାଇଭ୍ ଏବଂ ସଚେତନତା କର୍ମଶାଳା ସହିତ ଅନେକ ପ୍ରସାରଣ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି ।

ଅଧିକନ୍ତୁ, ଯେଉଁ ସ୍ଥାନରେ ସୂଚନା ପ୍ରାପ୍ତ ଏବଂ ସମ୍ବଳଗୁଡିକର ବ୍ୟବହାର ସୀମିତ, ଚିରାଗଭାଇ ଭୋଟର ପଞ୍ଜିକରଣକୁ ସୁଗମ କରିବା ପାଇଁ ଅଭିନବ ପଦ୍ଧତିକୁ ଅବଲମ୍ବନ କରିଛନ୍ତି | ତାଙ୍କର ଏହି ପ୍ରୟାସର ଫଳସ୍ୱରୂପ, ସେ ଘରକୁ ଘର କାର୍ଯ୍ୟକ୍ରମ ମାଧ୍ୟମରେ 41 ଟି ଏବଂ ଭୋଟର ତାଲିକାର ସ୍ଵତନ୍ତ୍ର ସାରାଂଶ ସଂଶୋଧନ ସମୟରେ 49 ଜଣ ନୂତନ ଭୋଟରଙ୍କ ନାମ ସଫଳତାର ସହ ଯୋଡିଛନ୍ତି । ଏହା ସହିତ, ଭୋଟର ତାଲିକାକୁ ଶୁଦ୍ଧ କରିବା ପାଇଁ  ସେ 72ଟି  ଫର୍ମ-7 ଆବେଦନକୁ  ପ୍ରକ୍ରିୟା ଭିତରକୁ ଆଣିଥିଲେ ଯାହା ଦୋହରା ଭୋଟର ଏବଂ ଯୁକ୍ତିଯୁକ୍ତ ତୃଟିକୁ ଦୂର କରାଇପାରିଛି | ପ୍ରତ୍ୟେକଙ୍କ  ସ୍ୱର ଶୁଣିବାକୁ  ନିଶ୍ଚିତ କରି,  ଅନ୍ତର୍ଭୂକ୍ତ ଏବଂ ଗଣତାନ୍ତ୍ରିକ ସମାଜ ଗଠନ ପାଇଁ ଚିରାଗଭାଇ ବିଶେଷ ଉଦ୍ୟମ କରିଛନ୍ତି | ସେ ଏକ ଅଭିନବ ତଥା ପ୍ରଶଂସନୀୟ ଢଙ୍ଗରେ ନିଜର କର୍ତ୍ତବ୍ୟ ସମ୍ପାଦନ କରି ଏକ ଆଦର୍ଶ BLO ର ଏକ ଉଜ୍ଜ୍ୱଳ ଉଦାହରଣ ସୃଷ୍ଟି କରିଛନ୍ତି ।



ଅନ୍ୟ ଏକ କାହାଣୀ ହେଉଛି ଗୋଆର 32-ବେନାଉଲିମ୍ ବିଧାନସଭା ନିର୍ବାଚନମଣ୍ଡଳୀର ଚାର୍ଲ୍ସ ରେଞ୍ଜି ରୋଡ୍ରିଗୁସଙ୍କର, ଯେ କି ନିରନ୍ତର ଭାବେ  ତାଙ୍କ କର୍ତ୍ତବ୍ୟ ପାଇଁ ଉତ୍ସର୍ଗୀକୃତ । ଚାର୍ଲ୍ସ ରେଞ୍ଜି ରୋଡ୍ରିଗୁସ୍ ଘରକୁ  ଘର ପରିଦର୍ଶନ କରି ଭୋଟରଙ୍କ ବିଷୟରେ ବିସ୍ତୃତ ତଥ୍ୟ ସଂଗ୍ରହ କରିଛନ୍ତି | ସେ ମୃତ ତଥା ଦୋହରା ଭୋଟରଙ୍କ ଯାଞ୍ଚକୁ ସଫଳତାର ସହିତ ପରିଚାଳନା କରିଥିବାବେଳେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ, 2024 ବେଳେ ଯୋଗ୍ୟ ଭୋଟରମାନଙ୍କ ତଥ୍ୟକୁ ସଠିକ ଭାବରେ ଅପଡେଟ୍ କରିଛନ୍ତି ।

କର୍ତ୍ତବ୍ୟ ପାଇଁ ଉତ୍ସାହ ପ୍ରଦର୍ଶନ ପୂର୍ବକ **BLO** ଚାର୍ଲ୍ସ ରେଞ୍ଜି ରୋଡ୍ରିଗୁସ୍ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ, 2024 ସମୟରେ ବିଭିନ୍ନ **SVEEP** କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏଥିରେ **32**-ବେନାଉଲିମ୍ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ **AERO** ଦ୍ୱାରା ଆୟୋଜିତ ଏକ ସଚେତନତା ରାଲିରେ ଯୋଗଦେବା ସହିତ ଭୋଟ୍ ଥିମ୍ ଉପରେ ପୋଷ୍ଟର ଏବଂ ସ୍ଲୋଗାନ୍ ପ୍ରତିଯୋଗିତା ଭଳି କାର୍ଯ୍ୟକ୍ରମକୁ ସଂଯୋଜନା କରାଯାଇଥିଲା ।
ଶ୍ରୀ ରୋଡ୍ରିଗୁସ୍ **32**-ବେନାଉଲିମ୍ ବିଧାନସଭା ନିର୍ବାଚନମଣ୍ଡଳୀର ଭାଗ ନମ୍ବର **20** ପାଇଁ ଏକ ତ୍ରୁଟିମୁକ୍ତ ନିର୍ବାଚନ ତାଲିକା ନିଶ୍ଚିତ କରିଛନ୍ତି, **100%** ଫଟୋ ଅପଡେଟ୍ ବଜାୟ ରଖିବା ସଙ୍ଗେ ସଙ୍ଗେ ଏବଂ ତୁରନ୍ତ କୌଣସି ତ୍ରୁଟିର ସମାଧାନ କରିଛନ୍ତି । ସେ ମଧ୍ୟ ଠିକ ସମୟରେ ଯାଞ୍ଚ ତାଲିକା ପରିଚାଳନା କରିଛନ୍ତି ଏବଂ ନିଜ ନିର୍ବାଚନମଣ୍ଡଳୀରେ **18-19** ବର୍ଷ ବୟସର ସର୍ବାଧିକ ଭୋଟରଙ୍କୁ ନାମ ଯୋଡିଥିବାବେଳେ ଆବଶ୍ୟକ ଭୋଟର ସଂଶୋଧନ  ଦକ୍ଷତାର ସହ ପରିଚାଳନା କରୁଛନ୍ତି ।
ଅଧିକନ୍ତୁ, ସେ **32**-ବେନାଉଲିମ୍ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ **AERO** କାର୍ଯ୍ୟାଳୟରେ ତାଙ୍କ ସାଥୀ **BLO** ପାଇଁ **BLO** ଆପ୍ ଉପରେ ଏକ ବିସ୍ତୃତ ଅଧିବେଶନ କରିଥିଲେ । ତାଙ୍କର ଭଲ ଆଚରଣ, ସୌଜନ୍ୟମୂଳକ ବ୍ୟବହାର ଏବଂ ଶକ୍ତିଶାଳୀ ଆଭିମୁଖ୍ୟ ପାଇଁ ଜଣାଶୁଣା ଶ୍ରୀ ରୋଡ୍ରିଗୁସ୍ ତାଙ୍କ ବରିଷ୍ଠ ସହକର୍ମୀ ତଥା ତାଙ୍କ ନିର୍ବାଚନମଣ୍ଡଳୀରେ ଭୋଟରଙ୍କ ସହ ସକରାତ୍ମକ ସମ୍ପର୍କ ସ୍ଥାପନ କରିଛନ୍ତି । ଶ୍ରୀ ଚାର୍ଲ୍ସ ରେଞ୍ଜୀ ରୋଡ୍ରିଗୁସ୍ ଶ୍ରେଷ୍ଠ **BLO** ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି ଏବଂ ଏହା ରାଜ୍ୟର ଅନ୍ୟ **BLO** ପାଇଁ ଏକ ଉଦାହରଣ ।



## ଭୋଟ୍ ପାଇଁ EPICର ବିକଳ୍ପ ପରିଚୟ ପତ୍ର ବିଷୟରେ ଭୋଟର ମାନଙ୍କୁ ସୂଚିତ କରିବାପାଇଁ BLOଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା:-

### ଅନ୍ୟାନ୍ୟ ପରିଚୟ ପତ୍ର ଅଛି ଯାହା ଭୋଟ୍ ପାଇଁ ବ୍ୟବହୃତ ହୋଇପାରିବ ।

- ଭୋଟର ପରିଚୟ ପତ୍ର (EPIC)
- ଆଧାର କାର୍ଡ
- ପାନ୍ କାର୍ଡ
- ଅନନ୍ୟ ଅକ୍ଷମତା ID (UDID) କାର୍ଡ / ୟୁନିକ ଡିଜାବଲିଟି କାର୍ଡ
- ସେବା ପରିଚୟ ପତ୍ର
- ଫଟୋ ସହିତ ବ୍ୟାଙ୍କ / ପୋଷ୍ଟ ଅଫିସ୍ ପାସବୁକ୍
- ସ୍ୱାସ୍ଥ୍ୟ ବୀମା ସ୍ମାର୍ଟ କାର୍ଡ (ଶ୍ରମ ମନ୍ତ୍ରଣାଳୟ )
- ଡ୍ରାଇଭିଂ ଲାଇସେନ୍ସ
- ପାସପୋର୍ଟ
- NPR ଅଧୀନରେ RGI ଦ୍ୱାରା ଦିଆଯାଇଥିବା ସ୍ମାର୍ଟ କାର୍ଡ
- ପେନସନ୍ ଡକ୍ୟୁମେଣ୍ଟ
- ସାଂସଦ / ବିଧାୟକ / ବିଧାନ ପରିଷଦର ସଦସ୍ୟଙ୍କୁ ଦିଆଯାଇଥିବା ସରକାରୀ ପରିଚୟ ପତ୍ର
- ମନରେଗା ଜବ୍ କାର୍ଡ



କୌଣସି ଭୋଟର ଯେପରି ବାଦ ପଡିନଯାଆନ୍ତି ସେଥିପାଇଁ ସମସ୍ତ BLO ପ୍ରତିବଦ୍ଧ ହେବା ଆବଶ୍ୟକ ଏବଂ ଆଗାମୀ ନିର୍ବାଚନରେ ସେମାନଙ୍କ ବୁଥରେ ଭୋଟର ମାନଙ୍କ ଉଲ୍ଲେଖନୀୟ ଅଂଶଗ୍ରହଣରୁ ଏହା ପ୍ରତୀୟମାନ ହେବ ।